Click Here & Upgrade
Expanded Features
Unlimited Pages
PDF Complete Documents

ଶ୍ରୀକ୍ଷେତ୍ରର ଶାକ୍ତ ତାନ୍ତ୍ରିକ ଧର୍ମଧାରା

ଅଧ୍ୟାପକ ପଣ୍ଡିତ ହରିହର ମହାପାତ୍ର

ଅତ୍ୟନ୍ତ ପୂତ ପାବନ କ୍ଷେତ୍ର ଶ୍ରୀକ୍ଷେତ୍ର । ପୂର୍ବରୁ ଏପରିକି ମହାଭାରତ ଯୁଗରୁ ଖ୍ୟାତିଲାଭ କରିଥିବା ଏହି ବିଶାଳ କ୍ଷେତ୍ର ସୀମିତ ଓ ସଂକୁଚିତ ହୋଇଥିଲେ ମଧ ଏହାର ପାବିତ୍ର୍ୟ ଅକ୍ଷୁଣ୍ଣ ରହିଅଛି । ଏବେ ମଧ ଶ୍ରୀତୀର୍ଥ, ଶ୍ରୀଧାମ, ଶ୍ରୀମନ୍ଦିର ଓ ଶ୍ରୀଦେବୀଙ୍କୁ ସ୍ୱବକ୍ଷରେ ଧାରଣ କରି ସ୍ୱକୀୟ ନାମକୁ ସାର୍ଥକ କରୁଅଛି । କ୍ଷେତ୍ରର ନାମ ଓ ଧାମରୁ ଏହା ଶାକ୍ତ କ୍ଷେତ୍ରର ପରିଚୟ ପ୍ରଦାନ କରେ ।

ଶକ୍ତି ଓ ଶାକ୍ତ

ଶକ୍ତିର ଉପାସକଙ୍କୁ ଶାକ୍ତ କୁହାଯାଏ । ପ୍ରକୃତି ଜଡ଼ ବୋଲି ଶାସ୍ତ୍ର କହେ । ଯେକୌଣସି ଜଡ ବସ୍ତୁରେ ଶକ୍ତିର ସଂଚାର ହେଲେ ତାହା କାର୍ଯ୍ୟକ୍ଷମ ହୁଏ । ଆଦ୍ୟା ପ୍ରକୃତିରେ ମହାଶକ୍ତିର ସଂଯୋଗ ଯୋଗୁଁ ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟି । ତେଣୁ ଆଦ୍ୟା ପ୍ରକୃତି ବା ମହାଶକ୍ତିଙ୍କୁ ଶାକ୍ତତନ୍ତ୍ର ମହାଲକ୍ଷ୍ମୀ ନାମରେ ଅଭିହିତ କରିଅଛି । ସତ୍ୱ, ରଜ ଓ ତମ ଭେଦରେ ତିନିଗୋଟି ଗୁଣଥିବା ବେଦ ସ୍ୱୀକାର କରେ । ଆଦ୍ୟା ମହାଲକ୍ଷ୍ମୀ ଗୁଣତ୍ରୟର ସାମ୍ୟାବସ୍ଥାରେ ଅବସ୍ଥାନ କରୁଥିଲେ ଓ ସର୍ବବ୍ୟାପିନୀ ଥିଲେ । ତେଣୁ ପ୍ରାଧାନିକ ରହସ୍ୟରେ କୁହାଯାଇଅଛି ଯେ-

ସର୍ବସ୍ୟାଦ୍ୟା ମହାଲକ୍ଷ୍ମୀ ସ୍ତ୍ରିଗୁଣା ପରମେଶ୍ୱରୀ
ଲକ୍ଷ୍ୟା ଲକ୍ଷ ସ୍ୱରୂପା ସା ବ୍ୟାପ୍ୟକୃସ୍ନଂ ବ୍ୟବସ୍ଥିତା ।

ସେ ଚତୁର୍ଭୁଜା ଥିଲେ ଓ ତାଙ୍କର ଭୁଜ ଚତୁଷ୍ଟୟ ବିଭିନ୍ନ ଆୟୁଧ ବିମଣ୍ଡିତ ଥିଲା । ତାହାଙ୍କର ତପ୍ତକାଞ୍ଚନ ବର୍ଣ୍ଣର ଆଭା ଓ ଆଭୂଷଣଗୁଡ଼ିକର ତେଜରେ ସେ ଶୂନ୍ୟ ଜଗତକୁ ପରିପୂର୍ଣ୍ଣ କରିଥିଲେ ।

ତପ୍ତକାଞ୍ଚନ ବର୍ଣ୍ଣାଭା ତପ୍ତ କାଞ୍ଚନ ଭୂଷଣା
ଶୂନ୍ୟଂତଦଖିଳଂ ସ୍ୱେନ ପୂରୟା ମାସ ତେଜସା ।

ସୃଷ୍ଟିକାରିଣୀ ଆଦ୍ୟା ଚତୁର୍ଭୁଜା ମହାଲକ୍ଷ୍ମୀ ସେହି ସମୟରେ ଜଗତକୁ ଶୂନ୍ୟ ଦେଖି ନିଜର ଗୁଣ ରୂପ ଉପାଧି ଭେଦରୁ ତମୋଗୁଣ, ରଜଗୁଣ ଓ ସତ୍ୱଗୁଣର ଆଧାରରେ ନିଜେ ନିଜକୁ ତିନି ଭାଗରେ ବିଭକ୍ତ କରି ତିନି ରୂପରେ ଆବିର୍ଭୂତା ହେଲେ । ତମଗୁଣରୁ ପ୍ରକଟିତା

ମହାଶକ୍ତିଙ୍କୁ ମହାକାଳୀ କୁହାଗଲା । ଅଦ୍ୟା ମହାଲକ୍ଷ୍ମୀ ସ୍ୱୟଂ ରଜୋଗୁଣ-ସଂପର୍ଣ୍ଣା ହୋଇ ପୂର୍ବରୁ ସ୍ୱକୀୟ ନାମରେ (ମହାଲକ୍ଷ୍ମୀ) ନାମିତ ହେଲେ । ସତ୍ୱଗୁଣରୁ ପ୍ରକଟିତା ମହାଶକ୍ତିଙ୍କୁ ମହାସରସ୍ୱତୀ କୁହାଗଲା । ମହାଲକ୍ଷ୍ମୀ, ମହାକାଳୀ ଓ ମହାସରସ୍ୱତୀଙ୍କୁ ମିଥୁନ (ପୁରୁଷ ସ୍ତ୍ରୀ ଯୁଗଳ) ଜାତ କରିବାକୁ କହି ନିଜେ ମଧ ମିଥୁନର ସୃଷ୍ଟିକାରିଣୀ ହେଲେ । ସ୍ୱଗୁଣ ଓ କର୍ମାନୁସାରେ ମହାକାଳୀ ଶିବ ଓ ସରସ୍ୱତୀଙ୍କୁ ନିଜେ ମହାଲକ୍ଷ୍ମୀ ବ୍ରହ୍ମା ଓ ଲକ୍ଷ୍ମୀଙ୍କୁ ତଥା ମହାସରସ୍ୱତୀ ବିଷ୍ଣୁ ଓ ଗୌରୀଙ୍କୁ ଜାତ କଲେ ।

ଥୋବାଚ ମହାଲକ୍ଷ୍ମୀ-ର୍ମହାକାଳୀଂ ସରସ୍ୱତୀଂ
ଯୁବାଂ ଜନାୟତାଂ ଦେବ୍ୟୌ ମିଥୁନେ ସ୍ୱାନୁରୂପତଃ
ଇତ୍ୟୁକ୍ୱା ତେ ମହାଲକ୍ଷ୍ମୀଃ ସସର୍ଜ ମିଥୁନଂ ସ୍ୱୟମ୍
ହିରଣ୍ୟ ଗର୍ଭୌ ରୁଚିରୌ ସ୍ତ୍ରୀପୁଷୈଃ କମଳାସନୌ ।
(ପ୍ରାଧାନିକ ରହସ୍ୟ)

ମହାକାଳୀଙ୍କଠାରୁ ଜାତ ମିଥୁନର ନାମ ଶଙ୍କର ଓ ସରସ୍ୱତୀ, ମହାଲକ୍ଷ୍ମୀଙ୍କଠାରୁ ଜାତ ମିଥୁନ ବ୍ରହ୍ମା ଓ ଲକ୍ଷ୍ମୀ ଏବଂ ମହାସ୍ୱତୀଙ୍କଠାରୁ ଜାତ ମିଥୁନ ବିଷ୍ଣୁ ଓ ଗୌରୀ ନାମରେ ମହାଲକ୍ଷ୍ମୀଙ୍କର ନିର୍ଦ୍ଦେଶରେ ଅଭିହିତା ହେଲେ । ସେତିକିରେ ଆଦ୍ୟାଶକ୍ତିଙ୍କର କର୍ମ ଶେଷ ହୋଇନଥିଲା । ସେ ଶିବଙ୍କୁ ଗୌରୀ, ବ୍ରହ୍ମାଙ୍କୁ ସରସ୍ୱତୀ ଓ ବିଷ୍ଣୁଙ୍କୁ ଲକ୍ଷ୍ମୀ ଶକ୍ତି ବା ପତ୍ନୀ ରୂପେ ସମର୍ପଣ କଲେ ।

ତାଙ୍କରି ନିର୍ଦ୍ଦେଶରେ ବ୍ରହ୍ମା, ବିଷ୍ଣୁ ଓ ଶିବ ସ୍ୱ ସ୍ୱ ପତ୍ନୀ ବା ଶକ୍ତିଙ୍କ ସହ ମିଳିତ ହୋଇ ଯଥାକ୍ରମେ ସୃଷ୍ଟି ନିର୍ମାଣ, ପାଳନ ଓ ସଂହାର କାର୍ଯ୍ୟରେ ନିଯୁକ୍ତ ରହିଲେ ।

Click Here & Upgrade
Expanded Features
Unlimited Pages
PDF Complete Documents

ଏଥିରୁ ଏହା ବୁଝାଯାଏ ଯେ ଶାକ୍ତମାନେ ତ୍ରିଗୁଣା ସର୍ବଶକ୍ତିମୟୀ ଆଦ୍ୟା ପ୍ରକୃତିଙ୍କୁ ଚତୁର୍ଭୁଜା ମହାଲକ୍ଷ୍ମୀ ଓ ତମଗୁଣା ସର୍ବଶକ୍ତିମୟୀ ପ୍ରକୃତିଙ୍କୁ ଚତୁର୍ଭୁଜା ମହାକାଳୀ ତଥା ସତ୍ତ୍ୱଗୁଣା ସର୍ବଶକ୍ତିମୟୀ ପ୍ରକୃତିଙ୍କୁ ଚତୁର୍ଭୁଜା ମହାସରସ୍ୱତୀ ରୂପେ ଆରାଧନା କରୁଥିବାବେଳେ ରଜୋମୟୀ ଶକ୍ତି ରୂପେ ସେହି ଆଦ୍ୟା ପ୍ରକୃତି ଚତୁର୍ଭୁଜା ମହାଲକ୍ଷ୍ମୀଙ୍କୁ ଆରାଧନା କରନ୍ତି ।

ଏହାକୁ ସରଳ ଭାବରେ ବୁଝାଇବାକୁ ଗଲେ ନିଜେ ଆଦ୍ୟା ଚତୁର୍ଭୁଜା ମହାଲକ୍ଷ୍ମୀ ରଜୋମୟୀ ମୂର୍ତ୍ତିରେ ସୃଷ୍ଟି ସର୍ଜନକାରିଣୀ ହେଲେ ।

ସୃଷ୍ଟିର ଉତ୍ପତ୍ତି ଓ କ୍ରମ ବିକାଶ ନିମ୍ନୋକ୍ତ ପ୍ରକାରେ ଶାକ୍ତମତେ ବର୍ଣ୍ଣିତ ଅଛି । ମହାଲକ୍ଷ୍ମୀଙ୍କଠାରୁ ଜାତ ବ୍ରହ୍ମା । ମହାକାଳୀଙ୍କଠାରୁ ସମ୍ଭୂତ କନ୍ୟା ସରସ୍ୱତୀଙ୍କ ସହ ମିଳିତ ହେବା ଫଳରେ ଅର୍ଥାତ୍ ପ୍ରକୃତି ଓ ପୁରୁଷ ସଂଯୋଗରେ ପ୍ରକୃତିର ଗର୍ଭରେ (ସରସ୍ୱତୀଙ୍କ ଗର୍ଭରେ) ଅଣ୍ଡାର ଉଦ୍‌ଭବ ହେଲା । ସେହି ଅଣ୍ଡା ମଧ୍ୟରେ ପ୍ରକୃତିର ପ୍ରଧାନ ତତ୍ତ୍ୱଗୁଡ଼ିକ ଯଥାକ୍ରମେ ସନ୍ନିବିଷ୍ଟ ହେଲା । ସେହି ତତ୍ତ୍ୱଗୁଡ଼ିକ ସାଂଖ୍ୟଦର୍ଶନ ମତରେ ୨୫ ପ୍ରକାର । ପ୍ରଥମେ ତତ୍ତ୍ୱ-ପୁରୁଷ ଓ ପ୍ରକୃତି ଭେଦରେ ଦୁଇ ପ୍ରକାର । ସେଥିମଧ୍ୟରୁ ପୁରୁଷ ଏକକ । ତାହାର ବିଭାଗାନ୍ତର ନାହିଁ । ପ୍ରକୃତି- ମହାନ୍, ବୁଦ୍ଧି ଓ ଅହଂକାର ଭେଦରେ ୩ ପ୍ରକାର ଅହଂକାର-ତନ୍ମାତ୍ର ଓ ଇନ୍ଦ୍ରିୟ ଭେଦରେ ଦୁଇ ପ୍ରକାର । ତନ୍ମାତ୍ର - କ୍ଷିତି, ଅପ୍, ତେଜ, ମରୁତ୍ ଓ ବ୍ୟୋମ ଭେଦରେ ପାଞ୍ଚ ପ୍ରକାର ଇନ୍ଦ୍ରିୟ-ଜ୍ଞାନ, ମନ ଓ କର୍ମ ଭେଦରେ ତିନି ପ୍ରକାର-ଜ୍ଞାନ, ଜିହ୍ୱା, ନାସା, ଚକ୍ଷୁ, ଶ୍ରୋତ୍ର ଓ ତ୍ୱକ୍ ଭେଦରେ ପାଞ୍ଚ ପ୍ରକାର- ସେହିପରି କର୍ମ ମଧ୍ୟ - ବାକ୍, ପାଣି, ପାଦ ପାୟୁ ଓ ଉପସ୍ଥ ଭେଦରେ ପାଞ୍ଚ ପ୍ରକାର ।

ଏହି ପ୍ରାକୃତିକ ତତ୍ତ୍ୱଗୁଡ଼ିକ ସରସ୍ୱତୀଙ୍କ ଗର୍ଭସ୍ଥ ଅଣ୍ଡରେ ବିକଶିତ ହେବାପରେ ଶିବ ଗୌରୀ ସଂଯୋଗ ଏହାକୁ ଉଦ୍‌ଘାଟିତ କଲା । ସେହି ଦିନଠାରୁ ପରିଦୃଶ୍ୟମାନ ବିଶ୍ୱ ବ୍ରହ୍ମାଣ୍ଡ ଓ ଗୌରୀ ଜଗଦ୍ଧାତ୍ରୀ ରୂପେ ବିବେଚିତ ହେଲେ । ସୃଷ୍ଟ ବ୍ରହ୍ମାଣ୍ଡର ପାଳନ, ପୋଷଣ ଓ ପରିବର୍ତ୍ତନର କର୍ମଗୁଡ଼ିକ ବିଷ୍ଣୁ ଲକ୍ଷ୍ମୀ ସଂଯୋଗରୁ ସଂପନ୍ନ ହେଉଥିବା ବେଳେ ଶିବଗୌରୀ ସଂଯୋଗ ପ୍ରଳୟର କାରଣ ହେବ ।

'ସ୍ତ୍ରିୟ ସମସ୍ତାସ୍ତବଦେବୀ ଭେଦାଃ' ଶକ୍ରାଦି ସ୍ତୁତିରେ କୁହାଯାଇଛି । ତେବେ ସଂସାରର ସମସ୍ତ ନାରୀ ସେହି ଦେବୀ ଆଦ୍ୟାଶକ୍ତିଙ୍କର ଅଂଶ ଅଟନ୍ତି । ପ୍ରକୃତି ରୂପିଣୀ ନାରୀ ପୁରୁଷ ସଂଯୋଗରୁ ଗର୍ଭବତୀ ହୁଏ । ପୃଥିବୀ ଆଦି ପଞ୍ଚ ମହାଭୂତରେ ଗୁଣର ଉତ୍ପତ୍ତି ହୋଇ ସନ୍ତାନ ପ୍ରସବ କାଳ ମଧ୍ୟରେ (ଦଶମାସ) ପ୍ରକୃତିର ଅନ୍ୟତତ୍ତ୍ୱଗୁଡ଼ିକ (ଜ୍ଞାନ କର୍ମ ଆଦିର) ଯଥାକାଳରେ ଉତ୍ପତ୍ତି ଘଟେ । ଏହା ହିଁ ପ୍ରାକୃତିକ କ୍ରିୟା । କେବେହେଲେ ମନୁଷ୍ୟକୃତ ନୁହେଁ । ପରେ ଧାତ୍ରୀ (ଧାଇ) ମାଧ୍ୟମରେ ଜନନ କ୍ରିୟା ସମ୍ପାଦିତ ହୁଏ । ଏହାକୁ ସୃଷ୍ଟି କୁହାଯାଉଅଛି । ପୁରୁଷର ସଂଯୋଗ ବିନା ଅନ୍ୟ କୌଣସି କ୍ରିୟା ପରିଦୃଷ୍ଟ ନୁହେଁ । ପ୍ରକୃତି ଏହି ପିଣ୍ଡର (ମାନବ ଯେପରି ସୃଷ୍ଟିକାରିଣୀ ସେହିପରି ବିଶ୍ୱ ବ୍ରହ୍ମାଣ୍ଡର ସୃଷ୍ଟିକାରିଣୀ) ଆଦ୍ୟାଶକ୍ତି ଅଟନ୍ତି । ଏହି ବାଦକୁ (ମତ) ପିଣ୍ଡ ବ୍ରହ୍ମାଣ୍ଡ ବାଦ କୁହାଯାଏ । ସୃଷ୍ଟି, ସ୍ଥିତି ଓ ସଂହାର ଘଟେ ।

ଆଦ୍ୟାଶକ୍ତିଙ୍କର ପ୍ରଭାବରୁ ବ୍ରହ୍ମା ସ୍ରଷ୍ଟା, ବିଷ୍ଣୁ ପାଳକ ଓ ଶିବ ସଂହାରକାରୀ ଭାବେ ପରିଚିତ ହୁଅନ୍ତି । କିନ୍ତୁ ଶକ୍ତିର ଅଭାବରେ ଏମାନେ ଅକର୍ମା ଓ ଜଡ଼ ପଦବାଚ୍ୟ ହୋଇଥାଆନ୍ତି । ନିର୍ଜୀବ ଶରୀର ଉଜ୍ଜୀବିତ ଥିବାଯାଏ ପ୍ରାଣର ସଂଚାର ଅନୁଭୂତ ହୁଏ । ଏହି ପ୍ରାଣସଂଚାର ଶକ୍ତିର ଅଭାବରେ ତାହା ପୁଣି ଜଡ଼ ଶରୀରରେ ପରିଣତ ହୁଏ । ଶାକ୍ତତନ୍ତ୍ରରେ ମହାକାଳୀଙ୍କର ରୂପ ବର୍ଣ୍ଣିତ ଅଛି । ଯେଉଁ ରୂପ ବା ପ୍ରତିମାରେ ମହାକାଳ (ଶିବ) । ଭୂତଳଶାୟୀ ଥିବାବେଳେ ମହାକାଳୀ ତାଙ୍କ ଉପରେ ଦଣ୍ଡାୟମାନ ଅଛନ୍ତି । ତେଣୁ 'ଶିବଃ ଶକ୍ତ୍ୟାଯୁକ୍ତଃ' ବର୍ଣ୍ଣନାରେ ଶକ୍ତି ଯୁକ୍ତ ଶିବଙ୍କୁ ମଙ୍ଗଳକାରୀ କୁହାଗଲାବେଳେ ଶକ୍ତି ବିହୀନ ଶିବ ଶବ ରୂପରେ ବର୍ଣ୍ଣିତ ।

ସୃଷ୍ଟିର ବିକାଶରେ ସେହି ଆଦ୍ୟାଶକ୍ତି ବହୁନାମ ଓ ବହୁ ରୂପରେ ଆରାଧିତ ହେବାକୁ ଲାଗିଲେ ଶାକ୍ତ ମତରେ ମହାଶକ୍ତି ମହାବିଦ୍ୟା ରୂପରେ ଅଭିହିତା । ଶକ୍ତି ପୂଜାରେ ଦଶ ମହାବିଦ୍ୟା ଓ ନବଦୁର୍ଗା ପ୍ରଭୃତିଙ୍କର ଆରାଧନା ଦେଖିବାକୁ ମିଳେ ।

ଦଶ ମହାବିଦ୍ୟା - ୧. ମହାକାଳୀ, ୨. ତାରା, ୩. ଷୋଡଶୀ, ୪. ଭୁବନେଶ୍ୱରୀ, ୫. ଛିନ୍ନମସ୍ତା, ୬. ଭୈରବୀ, ୭. ବଗଳାମୁଖୀ, ୮. ମାତଙ୍ଗୀ, ୯. କମଳା, ୧୦. ଧୂମାବତୀ

ନବଦୁର୍ଗା - ୧. ଶୈଳପୁତ୍ରୀ, ୨. ବ୍ରହ୍ମଚାରିଣୀ, ୩. ଚନ୍ଦ୍ରଘଣ୍ଟା, ୪. କୁଷ୍ମାଣ୍ଡା, ୫. ସ୍କନ୍ଦମାତା, ୬. କାତ୍ୟାୟନୀ, ୭. କାଳରାତ୍ରୀ, ୮. ମହାଗୌରୀ, ୯. ସିଦ୍ଧିଦାତ୍ରୀ ।

ତିନି ଗୁଣ ପରି ସୃଷ୍ଟିର କାଳକୁ ଆଦ୍ୟ, ମଧ୍ୟ, ଅନ୍ତ ରୂପରେ ତିନି ଭାଗରେ ବିଭକ୍ତ କରାଯାଇପାରେ । ଜୀବର ଆଦ୍ୟ କାଳର ସୃଷ୍ଟି ସଂକ୍ଷିପ୍ତରେ ବର୍ଣ୍ଣିତ ହୋଇଅଛି । ତାହାର ସୃଷ୍ଟିକାରିଣୀ ଆଦ୍ୟା ପ୍ରକୃତି ମହାଶକ୍ତି ହେଲେ ମଧ୍ୟ ଜନସାଧାରଣ ବ୍ରହ୍ମା ସୃଷ୍ଟି କରିଅଛନ୍ତି ବୋଲି କହିଥାଆନ୍ତି । ସେହିପରି ମଧ୍ୟମ କାଳକୁ ଆରୋହ ଓ ଅବରୋହ ଅବସ୍ଥା ଭେଦରେ ଆମ୍ଭେ ଦୁଇଭାଗରେ ବିଭକ୍ତ କରୁ । ଆରୋହ ଅବସ୍ଥାରେ ଶରୀର, ମନ, ବଳ ଓ ଅଙ୍ଗ ପ୍ରତ୍ୟଙ୍ଗାଦିର ପୁଷ୍ଟି ଏବଂ ଅଭିବୃଦ୍ଧି ଘଟେ । ଏଥିନିମନ୍ତେ ପରିପୋଷକ ଖାଦ୍ୟ, ଫଳ, ମୂଳ, ବିଭିନ୍ନ ଶସ୍ୟ ଓ ଦୁଗ୍ଧାଦି ପାନୀୟର ସୃଷ୍ଟିକାରିଣୀ ଶକ୍ତି ପ୍ରକୃତି ହେଲେ ହେଁ ଲୋକ ସାଧାରଣରେ ବିଷ୍ଣୁ ପାଳକ ରୂପେ ବିବେଚିତ ହୁଅନ୍ତି । ଅବରୋହ ଅବସ୍ଥାରେ ସେହି ଶକ୍ତିର କ୍ରମଶଃ ହାନି ଯୋଗୁଁ ଶରୀର ମନ ଓ ଇନ୍ଦ୍ରିୟାଦିର ଧୀରେ ଧୀରେ ଅବକ୍ଷୟ ଘଟି ଜୀବ ମୃତ୍ୟୁର ସମ୍ମୁଖୀନ ହୁଏ । ମୃତ ଶରୀର ଜଡ଼ର ପ୍ରତୀକ । ସେହି ମୃତ୍ୟୁ ହିଁ ଅନ୍ତିମ କାଳର ସୂଚକ ।

Click Here & Upgrade
Expanded Features
Unlimited Pages
PDF Complete Documents

କାଳ ଅନନ୍ତ । ତେଣୁ ଜଗତର ସୃଷ୍ଟି ସ୍ଥିତି ଓ ପ୍ରଳୟ କାଳକୁ ବାଦ ଦେଲେ ଅନ୍ୟ କାଳକୁ ଶୂନ୍ୟ କାଳ କୁହାଯାଏ । ସେହି ଶୂନ୍ୟ କାଳରେ ଜଗତର ବୀଜ ରୂପେ ଆଦ୍ୟା ପ୍ରକୃତି ବା ମହାଶକ୍ତି ନିଜର ଗୁଣତ୍ରୟକୁ ଏକତ୍ର ସନ୍ନିବିଷ୍ଟ କରି ଅବସ୍ଥାନ କରନ୍ତି । ଯାହାକୁ ଶାସ୍ତ୍ର ମହାଲକ୍ଷ୍ମୀ ରୂପେ ଅଭିହିତ କରେ ଅଥବା ଅନନ୍ତ କାଳକୁ ମହାକାଳ ଓ ତନ୍ମଧ୍ୟଗତା ଅନନ୍ତବୀର୍ଯ୍ୟା ମହାଶକ୍ତିଙ୍କୁ ମହାକାଳୀ ରୂପେ ବର୍ଣ୍ଣନା କରିଥାଏ । ଜୀବର ସୃଷ୍ଟି ସ୍ଥିତି ଓ ବିକାଶ, ପ୍ରକୃତିର ଅଂଶଭୁତା ମାତୃରୂପିଣୀ ଶକ୍ତି ଦ୍ୱାରା ସମ୍ପାଦିତା ହେଲାପରି ମହାଶକ୍ତି ବା ଆଦ୍ୟା ପ୍ରକୃତିର ଦ୍ୱାରା ଜଗତର ସୃଷ୍ଟି ସ୍ଥିତି ଓ ସଂହାର ଘଟେ । ଏହି ଆଦିମାତା ସର୍ବଶକ୍ତିମୟୀ ଦେବୀଙ୍କୁ ବିଭିନ୍ନ ଶାସ୍ତ୍ର ଓ ପୁରାଣ ବିଭିନ୍ନ ନାମରେ ନାମିତ କରି ଅଛନ୍ତି ।

ଗୌରୀ କାଳୀ ଉମା ଭଦ୍ରା ଦୁର୍ଗା କାନ୍ତିଃ ସରସ୍ୱତୀ
ମଙ୍ଗଳା ବୈଷ୍ଣବୀ ଲକ୍ଷ୍ମୀଃ ଶିବା ନାରାୟଣୀ କ୍ରମାତ୍
(ଦେବୀ ପୁରାଣ - ୭୯-୧)

କାଳୀ ତାରା ମହାବିଦ୍ୟା ଷୋଡଶୀ ଭୁବନେଶ୍ୱରୀ
ଭୈରବୀ ଛିନ୍ନମସ୍ତା ଚ ବିଦ୍ୟା ଧୂମାବତୀ ତଥା ।
ବଗଳା ସିଦ୍ଧ ବିଦ୍ୟାଚ ମାତଙ୍ଗୀ କମଳାତ୍ମିକା
ଏତାଦଶ ମହାବିଦ୍ୟାଃ ସିଦ୍ଧବିଦ୍ୟା ପ୍ରକୀର୍ତିତାଃ ।
(ଚାମୁଣ୍ଡା ତନ୍ତ୍ର)

କେବଳ ଏତିକି କାହିଁକି ଶକ୍ତି ରୂପିଣୀ ବିଭିନ୍ନ ଦେବୀମାନଙ୍କର ସହସ୍ର ସହସ୍ର ନାମ ଓ ରୂପ ଶୁଣିବାକୁ ଓ ଦେଖିବାକୁ ମିଳେ ।

ଆମ୍ଭର ବର୍ଣ୍ଣିତ ଶାକ୍ତ କ୍ଷେତ୍ର ଶ୍ରୀକ୍ଷେତ୍ରସ୍ଥ ଶ୍ରୀମନ୍ଦିରର ରତ୍ନ ସିଂହାସନରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କର ମଧ୍ୟଗତା ଦେବୀ ଶ୍ରୀସୁଭଦ୍ରା ଆରାଧିତା ଥିଲାବେଳେ ଶ୍ରୀଭୂଦେବୀ ଓ ଶ୍ରୀଦେବୀ ମଧ୍ୟ ବିରାଜିତା ଅଛନ୍ତି । ନାଟ୍ୟଶାଳା (ନାଟମଣ୍ଡପ)ର ଭିତ୍ତିଗୃହସ୍ଥିତା ଦକ୍ଷିଣାଭିମୁଖୀ କାଳୀକା ସର୍ବଜନ ପୂଜିତା । ଶ୍ରୀମନ୍ଦିରର ଦକ୍ଷିଣ ପାର୍ଶ୍ୱସ୍ଥିତ ମନ୍ଦିରରେ (ଦକ୍ଷିଣଘର) ଶ୍ରୀଦୁର୍ଗାଦେବୀ ପ୍ରଭୃତିଙ୍କ ନିତ୍ୟାରାଧନା ଶୁଣିବାକୁ ମିଳେ । ସର୍ବୋପରି ଶ୍ରୀତାରା ଯନ୍ତ୍ର ଓ କାଳୀକା ଯନ୍ତ୍ର ଉପରେ ଯଥାକ୍ରମେ ଶ୍ରୀବଳଭଦ୍ର ଓ ଶ୍ରୀଜଗନ୍ନାଥଙ୍କ ଅବସ୍ଥିତିର କିମ୍ବଦନ୍ତୀ ତଥା-

ଉଗ୍ରତାରା ଶୂଳପାଣିଃ ସୁଭଦ୍ରା ଭୁବନେଶ୍ୱରୀ
ନୀଳାଦ୍ରୌ ତୁ ଜଗନ୍ନାଥଃ ସାକ୍ଷାତ୍ ଦକ୍ଷିଣକାଳୀକା ।

ପ୍ରଭୃତି ତନ୍ତ୍ରୋକ୍ତି ପୀଠକୁ ଶାକ୍ତପୀଠ ରୂପେ ପ୍ରମାଣ କରେ । ତାହାଛଡ଼ା ଶ୍ରୀମନ୍ଦିର ବେଢ଼ା ମଧ୍ୟରେ ଶ୍ରୀମହାଲକ୍ଷ୍ମୀ, ଶ୍ରୀଭୁବନେଶ୍ୱରୀ, ଶ୍ରୀସରସ୍ୱତୀ, ଶ୍ରୀବିମଳା, ଶ୍ରୀମଙ୍ଗଳା, ଶ୍ରୀଉତ୍ତରାୟଣି, ଶ୍ରୀଭଦ୍ରକାଳୀ, ଶ୍ରୀମହାକାଳୀ ଓ ଶ୍ରୀଚାମୁଣ୍ଡା ପ୍ରଭୃତି ଦେବୀ ବିଗ୍ରହମାନ ଶାକ୍ତବାଦର ବହୁଳ ପ୍ରସାରରେ ସହାୟକ ହୋଇଥାଏ ।

ଶ୍ରୀମନ୍ଦିରକୁ ଛାଡ଼ି ବର୍ତ୍ତମାନର ଶ୍ରୀକ୍ଷେତ୍ର ରୂପେ ପରିଚିତ ପୁରୀ ସହରର ବିଭିନ୍ନ ସାହି, ଗଳି ଓ କନ୍ଦିମାନଙ୍କରେ ସର୍ବ ଶ୍ରୀଦୁର୍ଗା, ଦକ୍ଷିଣକାଳୀ, ଉତ୍ତରକାଳୀ, ଗଛକାଳୀ, ଶ୍ୟାମାକାଳୀ, ଶ୍ମଶାନକାଳୀ, ହରଚଣ୍ଡୀ, ରାମଚଣ୍ଡୀ, ଆଲାମଚଣ୍ଡୀ, ଅର୍ଦ୍ଧଶୋଷିଣୀ (ମାଉସୀ ମା'), କନକଦୁର୍ଗା, ଜୟଦୁର୍ଗା, ବନଦୁର୍ଗା, ଐନ୍ଦ୍ରୀ, ବାରାହୀ, ନାରସିଂହୀ, ଷୋଡଶ ପୁତ୍ରୀ (ଷୋଳପୁଅ ମାଆ) ଓ ସପ୍ତମାତୃକାଦି ତାନ୍ତ୍ରିକ ଦେବୀମାନଙ୍କର ଅବସ୍ଥିତି, ପ୍ରାଚୀନ ଗୃହସ୍ଥମାନଙ୍କର ଗୃହମାନଙ୍କରେ ତଥା ଜାଗା, ଆଖେଡ଼ା, ପୁସ୍ତକାଳୟାଦି ସାମୁହିକ ସ୍ଥାନରେ ମଧ୍ୟ ଶକ୍ତିମୟୀ ଦେବୀଙ୍କର ଆରାଧନା ଏହି କ୍ଷେତ୍ରର ଶାକ୍ତ କ୍ଷେତ୍ର ରୂପେ ପରିଚିତିକୁ ସୁଦୃଢ଼ କରୁଅଛି ।

ଶକ୍ତିମୟୀ ଦେବୀଙ୍କର ଆରାଧନା ଶୈଳୀ ପ୍ରାୟତଃ ତନ୍ତ୍ରଶାସ୍ତ୍ରରୁ ମିଳିଥାଏ । ଏହି ଦେବୀମାନଙ୍କର ସାଧକମାନଙ୍କୁ ଶାକ୍ତ ବା ତାନ୍ତ୍ରିକ କୁହାଯାଏ । ତନ୍ତ୍ରଶାସ୍ତ୍ରର ଅନ୍ୟନାମ ଆଗମ ।

ତନ୍ତ୍ର - ତନୁ ବିସ୍ତାରେ ଧାତୁରେ ତନ୍ ପ୍ରତ୍ୟୟ କରାଯାଇ ତନ୍ତ୍ର ଶବ୍ଦ ନିଷ୍ପନ୍ନ ହୋଇଅଛି । ତନ୍ ପ୍ରତ୍ୟୟ କର୍ତ୍ତା । କର୍ମ, କରଣ ବାଚ୍ୟରେ ହୋଇପାରେ । ଯେ ସର୍ବମଙ୍ଗଳକାରୀ ସେ ତନ୍ତ୍ର । ଯାହାକୁ ଅନୁଶୀଳନ କଲେ ନିଜର ତଥା ସର୍ବସାଧାରଣଙ୍କର ଉପକାର ହୋଇଥାଏ । ସେ ମଧ୍ୟ ତନ୍ତ୍ର । ସେହିପରି ଯାହାଦ୍ୱାରା ନିଜର ତଥା ଜନସମାଜର ଉପକାର ସାଧିତ ହୁଏ, ତାହା ମଧ୍ୟ ତନ୍ତ୍ର ।

ଆଗମ - ଯାହାର ଅଧ୍ୟୟନରେ ଓ ଆଚରଣରେ ଅଭ୍ୟୁଦୟାଦି ଉପାୟମାନ ବୁଦ୍ଧିରେ ପ୍ରବେଶ କରେ । ତାହାକୁ ଆଗମ କହନ୍ତି । ନିଗମ (ବେଦ) ପରି ଆଗମ (ତନ୍ତ୍ର)କୁ ମଧ୍ୟ ଅପୌରୁଷେୟ କୁହାଯାଏ । ବେଦ ଯେପରି ଅପୌରୁଷେୟ ବାଣୀ ସେହିପରି -

ଆଗତଂ ଶିବବକ୍ତ୍ରାତ୍ତ୍ୱାତ୍ ଗତଂ ତୁ ଗିରିଜାମୁଖେ
ମତଂ ଚ ବାସୁଦେବସ୍ୟ ତସ୍ମାଦାଗମ ଉଚ୍ୟତେ ।

ଆଦିନାଥ ଶଙ୍କରଙ୍କର ମୁଖପଦ୍ମରୁ ବାହାରି ଦେବୀ ଗିରିଜାଙ୍କ ମୁଖସ୍ଥିତ କର୍ଣ୍ଣ କୁହରରେ ପ୍ରବେଶ କରୁଥିବାରୁ ଓ ଏହି ମତ ଭଗବାନ ନାରାୟଣଙ୍କର ଅଭିମତ ଯୋଗୁଁ ଏହାକୁ ଆଗମ କୁହାଯାଏ । ତାହା ହିଁ ତନ୍ତ୍ର ଶାସ୍ତ୍ର ରୂପେ ଅଭିହିତ । ଶ୍ରୀ ସଦାଶିବଙ୍କ ଦ୍ୱାରା କଥିତ ତନ୍ତ୍ରର ଯାମଳ, କୁଳାର୍ଣ୍ଣବ, ଜ୍ଞାନାର୍ଣ୍ଣବ, ନୀଳତନ୍ତ୍ର ଓ କାଳୀତନ୍ତ୍ରାଦି ପ୍ରସିଦ୍ଧ ୬୪ ପ୍ରକାର ଭେଦ ଅଛି ।

ସିଦ୍ଧିଶ୍ୱରଂ ମହାତନ୍ତ୍ରଂ କାଳୀତନ୍ତ୍ରଂ କୁଳାର୍ଣ୍ଣବଂ
ଜ୍ଞାନାର୍ଣ୍ଣବଂ ନୀଳତନ୍ତ୍ରଂ ଫେତ୍କାରୀ ତନ୍ତ୍ରମୁତ୍ତମମ୍ ।
(ମହାସିଦ୍ଧି ସାରସ୍ୱତ)

ସେହି ତନ୍ତ୍ରମାନଙ୍କରେ ଲକ୍ଷାଧିକ ଶ୍ଳୋକ ଦେଖିବାକୁ ମିଳେ । ଏହାଛଡ଼ା କପିଳ, ବୁଦ୍ଧ, ଜୈମିନି, ବଶିଷ୍ଠ, ନାରଦ, ଗର୍ଗ, ପୁଲସ୍ତ୍ୟ,

Click Here & Upgrade
Expanded Features
Unlimited Pages
PDF Complete

ଭୃଗୁ, ଭାର୍ଗବ, ଯାଜ୍ଞବଲ୍କ୍ୟ, ଶୁକ୍ର, ବୃହସ୍ପତି, ପ୍ରଭୃତି ମୁନିଋଷିମାନଙ୍କ ଦ୍ୱାରା ବର୍ଣ୍ଣିତ ଉପତନ୍ତ୍ରମାନ ଅଛି । ଏଥିରୁ ତାନ୍ତ୍ରିକ ଗ୍ରନ୍ଥମାନଙ୍କର ବିପୁଳତା ଅନୁମାନ କରାଯାଇପାରେ ।

ଏଥିରେ ସୃଷ୍ଟି, ପ୍ରଳୟ, ଦେବପୂଜା, ସମସ୍ତ ପ୍ରକାର ସାଧନ, ପୁରଶ୍ଚରଣ, ଷଟ୍‌କର୍ମ ସାଧନ ଓ ଚତୁର୍ବିଧ ଧ୍ୟାନ ଯୋଗ ଏହି ସାତପ୍ରକାର ଲକ୍ଷଣର ବର୍ଣ୍ଣନା ଦେଖିବାକୁ ମିଳେ ।

ସୃଷ୍ଟିଶ୍ଚ ପ୍ରଳୟଶ୍ଚୈବ ଦେବତାନାଂ ଯଥାର୍ଚ୍ଚନମ୍ ।
ସାଧନଞ୍ଚୈବ ସର୍ବେଷାଂ ପୁରଶ୍ଚରଣ ମେବ ଚ ॥
ଷଟ୍‌କର୍ମ ସାଧନଞ୍ଚୈବ ଧ୍ୟାନ ଯୋଗଶ୍ଚତୁର୍ବିଧଃ ।
ସପ୍ତଭିର୍ଲକ୍ଷଣୈର୍ଯୁକ୍ତ ମାଗମଂତଦ୍‌ବିଦୁର୍ବୁଧାଃ ॥

(ମହାବିଶ୍ୱସାର ତନ୍ତ୍ର ଶବ୍ଦ କଳ୍ପଦ୍ରୁମରେ ଉଦ୍ଧୃତ)

ସେହିପରି ଯାମଳତନ୍ତ୍ର ମଧ୍ୟ ଆଗମ ଶାସ୍ତ୍ରକୁ ଅଷ୍ଟ ଲକ୍ଷଣଯୁକ୍ତ କହି ତହିଁରେ ପୁରାଣମାନଙ୍କ ବିଷୟ ବର୍ଣ୍ଣନା (ଆଚାର ବିଚାରାଦି ଧାର୍ମିକ) ପରି ଧାର୍ମିକ ବିବିଧ ବିଷୟର ଅବତାରଣା କରିଅଛି । (ଶବ୍ଦ କଳ୍ପଦ୍ରୁମ)

ଆଚାର ବିଚାର ଦୃଷ୍ଟିରୁ ତନ୍ତ୍ର ଦୁଇ ପ୍ରକାର - ୧. ବେଦାନୁକୂଳ, ୨. ବେଦ ପ୍ରତିକୂଳ । ସେଥିମଧ୍ୟରୁ ବେଦାନୁକୂଳ ତନ୍ତ୍ର ତିନି ପ୍ରକାର ଯଥାକ୍ରମେ - ୧. ବୈଷ୍ଣବାଗମ, ୨. ଶୈବାଗମ, ୩. ଶାକ୍ତାଗମ ରୂପେ ଅଭିହିତ ହୁଅନ୍ତି ।

ତନ୍ମଧ୍ୟରୁ ଶାକ୍ତାଗମ, ଦକ୍ଷିଣାଚାର ଓ ବାମାଚାର ଭେଦରେ ଦୁଇ ପ୍ରକାର ପ୍ରଚଳିତ ଥିଲେ ମଧ୍ୟ ବାମାଚାର ବିଧି ବେଦ ପ୍ରତିକୂଳ ହେତୁ ଏବଂ ସେଥିରେ ମାରଣ, ମୋହନ, ବଶୀକରଣ ଓ ଉଚ୍ଚାଟନାଦିର ବ୍ୟବହାର ଥିବାରୁ ଶ୍ରୀକ୍ଷେତ୍ରରେ ତାହା ପ୍ରଚଳିତ ନୁହେଁ ।

ତନ୍ତ୍ରଶାସ୍ତ୍ରର ଆଚାର ବିଧିରେ (ଶାକ୍ତ) ତାନ୍ତ୍ରିକର ଦୈନନ୍ଦିନ ଆଚରଣ ବିଧି, ଧ୍ୟାନ ବିଧି ଓ କର୍ମ ବିଧିମାନ ବର୍ଣ୍ଣିତ ହେବା ସହିତ ଶକ୍ତିମୟୀ ଦେବୀ ପୂଜନର ବିଧିଗୁଡ଼ିକ ଯଥାଯଥ ଭାବେ ବର୍ଣ୍ଣିତ ହୋଇଅଛି । ଯଥା- ସଂକଳ୍ପ, ଦେବୀ ଗାୟତ୍ରୀ, ସାମାନ୍ୟାର୍ଘ ସଂସ୍କାର, ଆସନଶୁଦ୍ଧି, ପ୍ରଣବନ୍ୟାସ, ଭୂତଶୁଦ୍ଧି, ପ୍ରାଣ ପ୍ରତିଷ୍ଠା, ମାତୃକାନ୍ୟାସ, ବହିର୍ମାତୃକାନ୍ୟାସ, ଶ୍ରୀକଣ୍ଠାଦିନ୍ୟାସ, କଳାନ୍ୟାସ, ଷୋଢ଼ାନ୍ୟାସ, ସପ୍ତପଦନ୍ୟାସ, ଅକ୍ଷରନ୍ୟାସ, ବର୍ଣ୍ଣନ୍ୟାସ, ତତ୍ତ୍ୱନ୍ୟାସ, ବୀଜନ୍ୟାସ, ବ୍ୟାପକନ୍ୟାସ, ପୀଠନ୍ୟାସ, ଘଟସ୍ଥାପନ ବିଧି, ମହାକାଳୀ ପୂଜାରେ - କୃଷ୍ଣଶାପବିମୋଚନ ବିଧି, ପଞ୍ଚରତ୍ନ ପୂଜା, ଆନନ୍ଦ ଭୈରବ ପୂଜା, ଅକଥାଦିନ୍ୟାସ, ସ୍ୱପ୍ନାବତୀ ପୂଜା, ଗାୟତ୍ରୀ ପୂଜା, ପାତ୍ର ସ୍ଥାପନ ବିଧି, ଷୋଡଶକଳା ପୂଜା, ବ୍ରହ୍ମା ପୂଜା, ବିଷ୍ଣୁ ପୂଜା, ଲକ୍ଷ୍ମୀ ପୂଜା, ତ୍ର୍ୟମ୍ବକ ପୂଜା, ଅମ୍ବିକା ପୂଜା, ଶକ୍ତି ସଂସ୍କାର, ନ୍ୟାସ ଜାଲ, ବଟୁକ ସଂସ୍କାର, ପୂର୍ଣ୍ଣାସଂସ୍କାର, ତର୍ପଣ, ବିନ୍ଦୁ ସ୍ୱୀକାର । ବଳି ବିଧାନ, ଉପଚାର ପ୍ରଦାନ, ଆବରଣ ପୂଜା, ମହାକାଳୀଙ୍କୁ ବଳିଦାନ ଓ ଶକ୍ତି ପୂଜାଦିର ସମସ୍ତ ବିଧିବିଧାନଗୁଡ଼ିକ ପ୍ରାଞ୍ଜଳ ଭାବେ ବର୍ଣ୍ଣନା କରାଯାଇଅଛି ।

ଧର୍ମ, ଅର୍ଥ, କାମ ଓ ମୋକ୍ଷକୁ ଚତୁର୍ବର୍ଗ କୁହାଯାଏ । ଏହି ଚତୁର୍ବର୍ଗର ଫଳପ୍ରାପ୍ତି ନିମନ୍ତେ ତନ୍ତ୍ରଶାସ୍ତ୍ର ମୁଖ୍ୟ ସହାୟକ ଅଟେ । ଧର୍ମ ହିଁ ମୁକ୍ତିର ପ୍ରଥମ ଆଧାର । ଆଚାର, ବିଚାର, ସଭ୍ୟତା ଓ ସଂସ୍କୃତିକୁ ଆମ୍ଭେମାନେ ସାଧାରଣତଃ ଧର୍ମ ବୋଲି ବିଚାର କରୁ । 'ଆଚାର ପ୍ରଭବୋ ଧର୍ମଃ' ବୋଲି ଶାସ୍ତ୍ର କହେ - ସତ୍ୟ, ଦୟା, କ୍ଷମା, ତିତିକ୍ଷା, ଆସ୍ତିକ୍ୟାଦିକୁ ଧର୍ମର ସ୍ୱରୂପ ବୋଲି କହନ୍ତି । ଶାକ୍ତତନ୍ତ୍ରରେ ଏହିଗୁଡ଼ିକ ହିଁ ଅନ୍ତର୍ନିହିତ ଅଟେ । ଲୋକ ସଦାଚାରୀ ହେଉ, ସତ୍ୟ କହୁ, ପରର ଉପକାରରେ ମନପ୍ରାଣ ଦେଉ, ମନରେ ସର୍ବଦା ଆସ୍ତିକ୍ୟ ଭାବର ଉଦ୍ରେକ ହେଉ, ସର୍ବଦା ଗ୍ରହିତା ନହୋଇ ତ୍ୟାଗରେ ଆଶା ପୋଷଣ କରୁ ଓ ଭଗବତୀଙ୍କଠାରେ ଶ୍ରଦ୍ଧା ଓ ଭକ୍ତି ରହୁ । ଏପରି ଆଚାର ଓ ବିଚାରଶୀଳ ବ୍ୟକ୍ତିର କେବେହେଲେ କୌଣସି ଅଭାବ ରହେ ନାହିଁ । ତାହାର ସତ୍‌କର୍ମ ସାଧନର ଇଚ୍ଛା ଅନାୟାସରେ ପୂରଣ ହୁଏ ଓ ଶେଷରେ ଦେବୀ ଚରଣାବିନ୍ଦରେ ମନପ୍ରାଣ ଢାଳି ପୁନର୍ଜନ୍ମରୁ ମୁକ୍ତି ପାଇଥାଏ ।

ଏହାକୁ ଶ୍ରୀକ୍ଷେତ୍ରର ଶାକ୍ତ ଓ ତାନ୍ତ୍ରିକ ଧର୍ମଧାରା ବିଚାର କରାଯିବା ଉଚିତ୍ ।

ଶ୍ରୀମନ୍ଦିର ପୁରୋହିତ
ପ୍ରତିହାରୀ ଲେନ୍, ମାଟିମଣ୍ଡପ ସାହି, ପୁରୀ

■ ■ ■ ■